ଶୁକ୍ରବାର
୧୨ ଅଗଷ୍ଟ ୨୦୨୨
www.sakalaepaper.com
ସକାଳ
ସଂପାଦକୀୟ

ମୋ ମତରେ, ଜଣେ ଛାତ୍ରଙ୍କ ପାଇଁ ଲାଇବ୍ରେରୀର ଠିକଣାଟି ଜାଣିବାଠାରୁ ଆଉ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା କିଛି ନାହିଁ!
-ଆଲବର୍ଟ ଆଇନଷ୍ଟାଇନ୍



# ଗ୍ରନ୍ଥାଗାର: ଜ୍ଞାନ ବିଜ୍ଞାନର ଗନ୍ତାଘର



ନିରଞ୍ଜନ ମହାପାତ୍ର
ମୋ: ୯୦୧୬୫୮୧୩୩୪୪

ଗ୍ରନ୍ଥାଗାର, ଗ୍ରନ୍ଥାଳୟ, ପାଠାଗାର ଓ ଲାଇବ୍ରେରୀ ଆଦି ଶବ୍ଦଗୁଡ଼ିକ ଶୁଣିବା ମାତ୍ରେ ସ୍ୱତଃ ମନରେ ଏକ ପାଠାଗାରର ପରିକଳ୍ପନା ଆସିବା ସହ ଶେଷଥର ପାଇଁ ଯାଇଥିବା ପାଠାଗାର କଥା ମନେ ପଡ଼ିବ ନିଶ୍ଚୟ। ବୈଷୟିକ ଜ୍ଞାନକୌଶଳର ବିକାଶ ଏକବିଂଶ ଶତାବ୍ଦୀର ମାନବ ଜୀବନର ପ୍ରାୟ ସମସ୍ତ ଦିଗକୁ ପ୍ରଭାବିତ କରିଛି। ସମୟ ଏବଂ ପରିଶ୍ରମ ସଞ୍ଚୟ କରି ଆମ ଜୀବନକୁ ସହଜ କରିବାରେ ସାହାଯ୍ୟ କରି ଆସୁଛି। କିନ୍ତୁ ପୁସ୍ତକ ପଢ଼ିବାର ମହତ୍ତ୍ୱକୁ କେବେ ବି ଡିଜିଟାଲ ଟେକ୍ନୋଲୋଜି ଦ୍ୱାରା ବଦଳା ଯାଇ ପାରିବ ନାହିଁ। ପାଠାଗାର ହେଉଛି ଏକ ଅନୁଷ୍ଠାନର ହୃଦୟ ସଦୃଶ, ଯାହାକି ଶିକ୍ଷା ବ୍ୟବସ୍ଥାର ଏକ ପ୍ରଧାନ ଅଙ୍ଗ। ପଢ଼ିବା ପାଇଁ ଉପଯୁକ୍ତ ପରିବେଶ ଏକ ପାଠାଗାର ବ୍ୟତୀତ ଆଉ କ'ଣ ହୋଇପାରେ! ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଶ୍ରେୟ ଏହାର ପାଠାଗାରର ସଂସାଧନ, ଭିତ୍ତିଭୂମି ଏବଂ କର୍ମଚାରୀମାନଙ୍କ ଉପରେ ନିର୍ଭର କରେ। ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ ପାଠାଗାରର ଅବଦାନ ଅତୁଳନୀୟ।

ପାଠାଗାରରେ ଉପଯୁକ୍ତ ପାଠକଙ୍କୁ ଉପଯୁକ୍ତ ସମୟରେ ଉପଯୁକ୍ତ ସଂସାଧନ ଯୋଗାଇଦେବା ପାଇଁ ଗ୍ରନ୍ଥାଗାରିକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥା'ନ୍ତି। ବୈଷୟିକ ଜ୍ଞାନକୌଶଳର ଯେତେ ଉନ୍ନତି ହେଲେ ମଧ୍ୟ ପ୍ରତି ପାଠାଗାର ପାଇଁ ଗ୍ରନ୍ଥାଗାରିକଙ୍କ ଆବଶ୍ୟକତା ରହିଛି। ସେଥିପାଇଁ ତ ପ୍ରସିଦ୍ଧ ବ୍ରିଟିଶ ଉପନ୍ୟାସିକ ନିଲ୍ ଜି ଆଇମାନ୍ କହିଛନ୍ତି ଯେ 'ଗୁଗୁଲ ଆପଣଙ୍କୁ ଏକ ଶହ ହଜାର ଉତ୍ତର ଖୋଜି ବାହାର କରିଦେଇ ପାରେ, କିନ୍ତୁ ଜଣେ ଗ୍ରନ୍ଥାଗାରିକ ହିଁ ଆପଣଙ୍କୁ ସଠିକ୍ ଟି ଦେଇ ପାରିବ।' ଜଣେ ଗ୍ରନ୍ଥାଗାରିକର ଗୁରୁତ୍ୱ କ'ଣ, ଏହା କେବଳ ଜଣେ ପାଠାଗାରକୁ ଭଲପାଉଥିବା, ପାଠାଗାର ସହିତ ଜଡ଼ିତ ଥିବା ଲୋକ ହିଁ ବୁଝିପାରିବ। ଆମେରିକୀୟ ପାଣିପାଗ ଉପସ୍ଥାପକ ତଥା ରେଡିଓ/ ଟିଭି ବ୍ୟକ୍ତିତ୍ୱ ୱିଲାର୍ଡ ସ୍କଟ୍ କହିଛନ୍ତି ଯେ 'ଗ୍ରନ୍ଥାଗାରିକମାନେ ସର୍ବଦା ସର୍ବାଧିକ ଚିନ୍ତିତ ଏବଂ ସାହାଯ୍ୟକାରୀ ଲୋକମାନଙ୍କ ମଧ୍ୟରେ ରହିଆସିଛନ୍ତି। ସେମାନେ ଶ୍ରେଣୀଗୃହ ବାହାରର ଶିକ୍ଷକ ଅଟନ୍ତି। ପାଠାଗାର ମଧ୍ୟରେ ଅତିବାହିତ ଯାହାର ଜୀବନ ସେ ହେଉଛନ୍ତି ଗ୍ରନ୍ଥାଗାରିକ। ତାଙ୍କର କର୍ମ, ଧର୍ମ ଓ ମନ ପାଠାଗାର। ସେ ହିଁ ପାଠକଙ୍କ ମାର୍ଗଦର୍ଶକ। କିନ୍ତୁ ଅବସୋସ୍, ଅନେକ ସ୍ଥାନରେ ଅନେକ ସମୟରେ ପାଠକଙ୍କୁ ମିଳୁନି ଆଶାନୁରୂପ ପାଠାଗାର ସେବା। ଏହାର ଅନ୍ୟତମ କାରଣ ହେଉଛି ପାଠାଗାରମାନଙ୍କରେ ତାଲିମପ୍ରାପ୍ତ ଗ୍ରନ୍ଥାଗାରିକଙ୍କ ଅଭାବ ରହୁଛି।

ଭାରତରେ ପାଠାଗାର ବିକାଶର ନେତୃତ୍ୱ ନେଇଥିବାର ଶ୍ରେୟ ମହାନ ଶିକ୍ଷାବିତ୍ ଗଣିତଜ୍ଞ ତଥା ଜଣେ ମହାନ ଗ୍ରନ୍ଥାଗାରିକ ପ୍ରଫେସର ଡକ୍ଟର ଏସ ଆର ରଙ୍ଗନାଥନଙ୍କୁ ଯାଏ। ମାଡ୍ରାସ୍‌ର ଶିୟାଲି (ବର୍ତ୍ତମାନ ତାମିଲନାଡୁ ରାଜ୍ୟର ଥିରୁଭାରୁର୍ ଜିଲ୍ଲାର ସିର୍କାଝି)ଠାରେ ୧୮୯୨ ମସିହାରେ ଜନ୍ମଗ୍ରହଣ କରିଥିବା ଶିୟାଲି ରାମାମ୍ରିତ ରଙ୍ଗନାଥନଙ୍କ ସ୍ମୃତିରେ ଅଗଷ୍ଟ ୧୨ ତାରିଖକୁ ଜାତୀୟ ଗ୍ରନ୍ଥାଗାରିକ ଦିବସ ଭାବରେ ପାଳନ କରାଯାଏ। ପାଠାଗାର କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ତାଙ୍କୁ 'ପଦ୍ମଶ୍ରୀ' ସମ୍ମାନ ପ୍ରଦାନ କରାଯାଇଥିଲା।

ଏକ ସାଧାରଣ ତାମିଲ ପରିବାରରେ ଜନ୍ମଗ୍ରହଣ କରିଥିବା ରଙ୍ଗନାଥନ ୬ବର୍ଷ ବୟସରେ ପିତାଙ୍କୁ ହରାଇବାରୁ ମାମୁଁଙ୍କ ଘରେ ରହି ପଢୁଥିଲେ। ଶିକ୍ଷାର ପ୍ରାରମ୍ଭିକ ପର୍ଯ୍ୟାୟ ପରେ ସେ ୧୯୦୯ ମସିହାରେ ମାଡ୍ରାସକୁ ଚାଲିଗଲେ। ସେଠାରେ ପ୍ରାୟ ୧୫ବର୍ଷ ପରେ ପାଠାଗାର ଆନ୍ଦୋଳନ ପ୍ରତିଷ୍ଠା କରିବାରେ ସେ ନିଜକୁ ଜଡ଼ିତ କଲେ।୧୯୨୪ ମସିହାରେ ସେ ମାଡ୍ରାସ ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାରିକ ଭାବରେ ନିଯୁକ୍ତ ହେବାର କିଛିଦିନ ପରେ ସେ ଲଣ୍ଡନ ୟୁନିଭରସିଟି କଲେଜକୁ ଯାଇ ପାଠାଗାର ପରିଚାଳନାରେ ତାଲିମ ନେଲେ। ସେତେବେଳେ ଭାରତରେ ଏପରି ପାଠ୍ୟକ୍ରମ ନଥିଲା କି ଗ୍ରନ୍ଥାଗାରିକ ବିଜ୍ଞାନର ଭିତ୍ତିଭୂମି ନଥିଲା। ସେ ତାଙ୍କର ସାରା ଜୀବନ ଗ୍ରନ୍ଥାଗାରିକ, ଅଧ୍ୟାପନା ଓ ଗଣିତରେ ନିୟୋଜିତ କରିଥିଲେ। ସେ କିଛିଦିନ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଚାକିରି କରିବା ସହିତ ପାଠାଗାର ଏବଂ ସୂଚନା ବିଜ୍ଞାନ କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ସେ ଭାରତରେ ପାଠାଗାର ବିଜ୍ଞାନ, ଡକ୍ୟୁମେଣ୍ଟେସନ୍ ଏବଂ ସୂଚନା ବିଜ୍ଞାନର ଜନକ ଭାବରେ ଜଣାଶୁଣା। ପ୍ରଥମ ପ୍ରମୁଖ ବହୁମୁଖୀ ବର୍ଗୀକରଣ ପ୍ରଣାଳୀର ବିକାଶ ଏବଂ ପାଠାଗାର ବିଜ୍ଞାନର 'ପଞ୍ଚସୂତ୍ର' ପାଇଁ ସେ ବିଶ୍ୱବିଖ୍ୟାତ ହୋଇପାରିଥିଲେ। ସେହି ପଞ୍ଚସୂତ୍ର ହେଲା -

୧-ପୁସ୍ତକ ବ୍ୟବହାର ପାଇଁ ହିଁ ଉଦିଷ୍ଟ

୨-ପ୍ରତ୍ୟେକ ପାଠକଙ୍କୁ ତା'ର ପୁସ୍ତକ ମିଳିବା ଦରକାର

୩- ପ୍ରତ୍ୟେକ ପୁସ୍ତକକୁ ତା'ର ପାଠକ ମିଳିବା ଦରକାର

୪- ପାଠକମାନଙ୍କ ସମୟ ସଞ୍ଚୟ

୫- ପାଠାଗାର ଏକ ଚଳଚଞ୍ଚଳ ସଜୀବ ଅନୁଷ୍ଠାନ

ପାଠାଗାର ବିଜ୍ଞାନ, ପାଠାଗାର ସେବା ଓ ପାଠାଗାର ପରିଚାଳନା କ୍ଷେତ୍ରରେ ଯେକୌଣସି ସମସ୍ୟା ପାଇଁ ଏହି ପାଞ୍ଚ ମୌଳିକ ସୂତ୍ର ପ୍ରଯୁଜ୍ୟ। ଏହି ସୂତ୍ରଗୁଡ଼ିକ ଏକ ଦାର୍ଶନିକ ଆଧାର ପ୍ରଦାନ କରି ପାଠାଗାର ବିଜ୍ଞାନର ବିଷୟବସ୍ତୁ, ଗ୍ରନ୍ଥାଗାରିକ ବୃତ୍ତି ଏବଂ ପାଠାଗାରଗୁଡ଼ିକର ବ୍ୟବହାରକୁ ଚିରସ୍ଥାୟୀ କରିଛି। ଏହି ନିୟମଗୁଡ଼ିକ ଗ୍ରନ୍ଥାଗାରିକ ବିଜ୍ଞାନର ବିଷୟ ପାଇଁ ଏକ ବୈଜ୍ଞାନିକ ଆଭିମୁଖ୍ୟ ପ୍ରଦାନ କରିଛି।